## ଆଜି କ'ଣ କେଉଁଠି

**ଅନୁଗୋଳ**

- ଆଶା-ଦି ହୋପ୍ ଉଦ୍‌ଘାଟନ କାର୍ଯ୍ୟକ୍ରମ
ସମୟ- ପୂର୍ବାହ୍ନ ୧୧ଟା ୧୫
ସ୍ଥାନ- ଓ.ପି. ଜିନ୍ଦଲ ସ୍କୁଲ
- ସପ୍ତମ ସାତକୋଶିଆ ମହୋତ୍ସବ-୨୦୧୯
ସମୟ- ଅପରାହ୍ନ ୫ଟା ୩୦
ସ୍ଥାନ- ଅମଲାପଡ଼ା ସ୍ଥିତ ବାସନ୍ତୀ ଦୁର୍ଗା ପଡ଼ିଆ
- ଆଇନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ
ସମୟ- ପୂର୍ବାହ୍ନ ୧୦ ଟା
ସ୍ଥାନ- ଜିଲା ପରିଷଦ ସମ୍ମିଳନୀ କକ୍ଷ

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୬।୧୨(ଡି.ଏନ.ଏ.)- କିଶୋରନଗର ପୋଲିସ ଗୁରୁବାର ରାତିରେ ରସୁଣପାଳ ଗ୍ରାମରେ ଚଢ଼ାଉ କରି ଫେରାର ଥିବା ଅଭିଯୁକ୍ତ ପବିତ୍ର ମିର୍ଦ୍ଧାଙ୍କୁ ଗିରଫ କରିଛି। ତାଙ୍କ ନାମରେ ବହୁଦିନ ହେବ ମାମଲା ଥିବାବେଳେ ସେ ଫେରାର ଥିଲେ। ଘରେ ଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା।

### ଦୁର୍ଘଟଣାରେ ୨ ଆହତ

ଅନୁଗୋଳ ଅଫିସ/ବଅଁରପାଳ, ୬।୧୨: ଅନୁଗୋଳ ସହରରେ ଥିବା ଶିମିଳପଡ଼ାରେ ଶୁକ୍ରବାର ଏକ କାର ଧକ୍କାରେ ସ୍କୁଟି ଚାଳକ ଦୁଷ୍ମନ୍ତ କୁମାର ସାହୁ ଆହତ ହୋଇଛନ୍ତି। ଏ ନେଇ ସେ ଅନୁଗୋଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୦୧୮/୧୯ରେ ଏକ ମାମଲା ରୁଜୁ କରିଛି। ଦୁଷ୍ମନ୍ତ ସ୍କୁଟି(ଓଡ଼ି-୧୯-ଜେ-୯୬୮୩)ରେ ଆସୁଥିବାବେଳେ ସମ୍ମୁଖରୁ ଆସୁଥିବା କାର(ଓଡ଼ି-୧୯-୫୭୯୪) ତାଙ୍କୁ ଧକ୍କା ଦେଇଥିଲା। ସେହିପରି ୫୫ ନଂ. ଜାତୀୟ ରାଜପଥର କାଣ୍ଡସର ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ସ୍କୁଟି ଚାଳକ ଆହତ ହୋଇଛନ୍ତି। ତାଙ୍କ ପରିଚୟ ଜଣାପଡ଼ି ନାହିଁ। ସେ ସ୍କୁଟି ଯୋଗେ ଅନୁଗୋଳରୁ ନାଲ୍‌କୋ ଅଭିମୁଖେ ଆସୁଥିବାବେଳେ ପଛରୁ ଆସୁଥିବା ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ସାଇ ମନ୍ଦିର ପ୍ରତିଷ୍ଠା ଦିବସ ପାଳିତ



ବଇଣ୍ଡା, ୬।୧୨(ଡି.ଏନ.ଏ.): କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଦଳୀମୁଣ୍ଡା ଗ୍ରାମରେ ଥିବା ସାଇ ମନ୍ଦିରରେ ଗୁରୁବାର ଓ ଶୁକ୍ରବାର ୨ଦିନ ଧରି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳବାସୀ ଗୁରୁବାର କଳସରେ ପାଣି ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ଶୁକ୍ରବାର ସକାଳେ ପ୍ରଥମେ ସୂର୍ଯ୍ୟପୂଜା ଆରମ୍ଭ ହୋଇଥିଲା। ପରେ ଅଭିଷେକ କରାଯାଇ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଏଥିରେ ତପନ ସାହୁ, ଅମିୟ ସାହୁ, ସୁନିତା ସାହୁ, ମମତା ସାହୁ କର୍ତ୍ତା ଭାବେ ଯୋଗ ଦେଇଥିଲେ। ପୂଜକ ଜଗତ ମୋହନ ମିଶ୍ର, ରାଜେଶ ମିଶ୍ର, ମଦନ ମୋହନ ମିଶ୍ର, ପ୍ରକାଶ ଚନ୍ଦ୍ର ମିଶ୍ର, ମନମୋହନ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଶେଷରେ ପ୍ରସାଦସେବନ କାର୍ଯ୍ୟକ୍ରମ କରାଯାଇଥିଲା।

### ୫୦ ଟନ୍ ଚୋରା କୋଇଲା ଜବତ

ତାଳଚେର, ୬।୧୨ (ନି.ପ୍ର.): ରାଜ୍ୟ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ପୁରୁଣା ଯୁବରାଜ ହାଇସ୍କୁଲ ପଛପାଖରୁ ୫୦ ଟନ୍ ଚୋରା କୋଇଲା ଜବତ କରାଯାଇଛି। ସେଠାରେ ଚୋରାରେ କୋଇଲା ଗଚ୍ଛିତ ଥିବା ଖବରପାଇ ଡିଡିଏମ ବିଷ୍ଣୁପଦ ରାଉତ ଓ ଅନ୍ୟଅଧିକାରୀମାନେ ଚଢ଼ାଉ କରିଥିଲେ। ସେହିପରି ସରାଙ୍ଗ ଚେକ ଗେଟ ନିକଟରୁ ଏକ ମିନିଟ୍ରକ୍ (ନଂ.ଓଆର୦୦୫ ଏକ୍ସ ୪୭୪୪)କୁ ମଧ ଜବତ କରାଯାଇଛି। ସେଥିରେ ୨ଟନ ଚୋରା କୋଇଲା ଥିବା ସୂଚନା ଦିଆଯାଇଛି।

■ ୫୭ ତମ ଜାତୀୟ ଗୃହରକ୍ଷୀ ଦିବସ ପାଳିତ

# ଗୃହରକ୍ଷୀଙ୍କ ଅବଦାନ ପ୍ରଶଂସନୀୟ

**ଅନୁଗୋଳ ଅଫିସ, ୬।୧୨**



ମୁଖ୍ୟଅତିଥି ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଅନୁଗୋଳ ପୋଲିସ ଗୃହରକ୍ଷୀ ଗ୍ରାଉଣ୍ଡରେ ଶୁକ୍ରବାର ୫୭ ତମ ଜାତୀୟ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମୀନା କହିଥିଲେ ଯେ, ସମାଜ ଓ ପୋଲିସ ବିଭାଗ ପାଇଁ ଗୃହରକ୍ଷୀଙ୍କ ଯୋଗଦାନ ଉଚ୍ଚ ପ୍ରଶଂସନୀୟ। ଗୃହରକ୍ଷୀଙ୍କ ଯୋଗଦାନକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କ କାର୍ଯ୍ୟକୁ ସମ୍ମାନ ଜଣାଇବା ଆବଶ୍ୟକ। ଏହା ହିଁ ସେମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ଏସ୍‌ପି ମୀନା କହିଥିଲେ। ଏହି ଅବସରରେ ୪ ଜଣ ଶ୍ରେଷ୍ଠ ଗୃହରକ୍ଷୀଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଅଫିସିଆଲ୍ କାର୍ଯ୍ୟ ପାଇଁ ଅନୁଗୋଳ ଥାନାରେ କାର୍ଯ୍ୟରତ ଆଦିତ୍ୟ ପ୍ରସାଦ ଗଡ଼ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଏଲ୍‌ଓ ଡ୍ୟୁଟି ଓ ଟ୍ରାଫିକ ପାଇଁ ଯୁଗୋଳ କିଶୋର ଗଡନାୟକ, ଟ୍ରାଫିକ ନିୟନ୍ତ୍ରଣ ପାଇଁ ତପନଦତ୍ତ ଦାସ, ଏଲ୍‌ଓ ଡ୍ୟୁଟି ଓ ଟ୍ରାଫିକ ପାଇଁ ତପସ୍ୱିନୀ ବେହେରା ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବସନ୍ତ କୁମାର ପ୍ରଧାନ, ଡିଏସ୍‌ପି ଦିଲୀପ କୁମାର ନାୟକ, ରମେଶ କୁମାର ମୁଖୀ, ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ, ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଆର୍‌ଆଇ (ହୋମଗାର୍ଡ଼) ସୁଶାନ୍ତ କୁମାର ସାହୁ, ଆର୍‌ଆଇ ସୁବଳ ସୋରେନ୍, ସର୍ଜେଣ୍ଟ ଲୋକନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କ ନାଁରେ ଋଣ ଠକେଇ, ୩ ଗିରଫ

**ବଇଣ୍ଡା, ୬।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଚି ଗ୍ରାମ୍ୟ ବ୍ୟାଙ୍କରୁ ଜାଲିଆତି କରି ଋଣ ଉଠାଇଥିବା ଅଭିଯୋଗରେ କିଶୋରନଗର ପୋଲିସ ଶୁକ୍ରବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କିଶୋରନଗର ଥାନା କେନ୍ଦୁନାଳୀ ଗ୍ରାମର ସଞ୍ଜୀବ ପ୍ରଧାନ, ଫୁଲଝରୀ ଗ୍ରାମର ଗୋପବନ୍ଧୁ ମିର୍ଦ୍ଧା, ହଣ୍ଡପା ଥାନା ସାତପେରେଡ଼ିଆ ଗ୍ରାମର ପିଣ୍ଟୁ ପ୍ରଧାନ।

କିଶୋରନଗର ଆଇଆଇସି ପ୍ରତିଭା ମାଝି କହିଛନ୍ତି, କିଶୋରନଗର ଥାନା ହରିଡ଼ାନାଳୀ ଗ୍ରାମର ଚାଷୀ ସନକ ମିର୍ଦ୍ଧା, କ୍ଷେତି ଗ୍ରାମର ରସାନନ୍ଦ ମହାନ୍ତି, ଶତ୍ରୁଘ୍ନ ଦେହୁରି, ରଷି ମିର୍ଦ୍ଧାଙ୍କଠାରୁ ଅଭିଯୁକ୍ତମାନେ ୨୦୧୪ରେ ଭୋଟର ପରିଚୟ ପତ୍ର, ଜମିପଟ୍ଟା ଆଣି ଉକ୍ତ ବ୍ୟାଙ୍କରୁ ୨୫ ହଜାର ଟଙ୍କା ଲେଖାଏ କୃଷିଋଣ ଉଠାଇ ନେଇଥିଲେ। ବ୍ୟାଙ୍କ ଋଣ ପରିଶୋଧ କରିବା ପାଇଁ ଟଙ୍କା ଉଠିଥିବା ଚାଷୀଙ୍କ ନିକଟକୁ ୨୦୧୯ ନଭେମ୍ବରରେ ନୋଟିସ ଦିଆଯାଇଥିଲା। ହିତାଧିକାରୀମାନେ ସୁଧ ସହ ୪୫ ହଜାର ଟଙ୍କା ଲେଖାଏ ଋଣ ପରିଷଦ କରିବା ପାଇଁ ନୋଟିସରେ ଉଲ୍ଲେଖ କରାଯାଇଥିଲା। ହେଲେ ଋଣ ଟଙ୍କା ପାଇ ନ ଥିବା କହି ସମ୍ପୃକ୍ତ ହିତାଧିକାରୀମାନେ ବ୍ୟାଙ୍କ ଶାଖା ପରିଚାଳକ ମଣ୍ଟୁ ପ୍ରସାଦ ମାଝିଙ୍କୁ ଭେଟିବା ସହ ନୋଟିସ୍ ଦେଖାଇଥିଲେ। ଏଥିସହ ସଞ୍ଜୀବ, ଗୋପବନ୍ଧୁ ଓ ପିଣ୍ଟୁ ଏହି ଟଙ୍କା ଉଠାଣ କରାଯାଇଥିବା ସନକ ଅଭିଯୋଗ କରିଥିଲେ। ହେଲେ ସେମାନଙ୍କ ନାଁରେ ଋଣ ଉଠାଣ ହୋଇଛି, ତେଣୁ ସେମାନେ ସୁଧ ସହିତ ଋଣ ଶୁଝିବେ ବୋଲି ଶାଖା ପରିଚାଳକ କହିଥିଲେ। ଏ ସମ୍ପର୍କରେ ସନକ ଗୁରୁବାର କିଶୋରନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୪୬/୨୦୧୯ରେ ଏକ ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିଛି। ଏଥିରେ ଆହୁରି ୩ରୁ ୪ ଜଣଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି।

## କେନ୍ଦୁପତ୍ର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**ଆଠମଲ୍ଲିକ, ୬।୧୨(ଡି.ଏନ.ଏ.)**

ଆଠମଲ୍ଲିକ କେନ୍ଦୁପତ୍ର ଶ୍ରମିକ ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଶୁକ୍ରବାର ଆଠମଲ୍ଲିକ କେନ୍ଦୁପତ୍ର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶ୍ରମିକ ନେତା ସୁଶାନ୍ତ କୁମାର ରାଉଳଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ବାହାରି କେନ୍ଦୁପତ୍ର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ୨୦୦୯ ଆର୍ଥିକ ବର୍ଷରେ କେନ୍ଦୁପତ୍ର ଶୁଖା, ଲେଉଟା ଓ ଥାପି କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ସରକାରଙ୍କ ନିର୍ଦ୍ଧାରିତ ମଜୁରି ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ କରିବା ସହ ଏହାର ତଦନ୍ତ କରାଯିବା, ପ୍ରତ୍ୟେକ ବର୍ଷ ଫଡି କମିଟି ଗଠନ କରିବା, ଗୋଚ୍ଛା କଟାଇବା, ଫଡି ଘର ନିର୍ମାଣ କରାଯାଇ ପତ୍ର କିଣିବା, ମୁନ୍‌ସିମାନଙ୍କୁ ଅନ୍ୟୁନ୍ୟ ୩ ମାସର ଓ ଚପରାଶିମାନଙ୍କୁ ୨ ମାସର ଦରମା ପ୍ରଦାନ କରିବା, ପାନୀୟ ଜଳ ସଂକ୍ରାନ୍ତୀୟ କଣ୍ଟିଜେନ୍ସି ଅର୍ଥରାଶିକୁ ଶ୍ରମିକଙ୍କୁ ଅନଲାଇନ୍‌ରେ ପେମେଣ୍ଟ କରିବା, ୨୦୧୩ରେ କେନ୍ଦୁପତ୍ର ତୋଳାଳିମାନଙ୍କୁ ବୋନସ ଟଙ୍କା ପ୍ରଦାନରେ ହୋଇଥିବା ଦୁର୍ନୀତିର ତଦନ୍ତ କରାଯିବା ଆଦି ଦାବିରେ ସଂଘର ସଦସ୍ୟମାନେ ବିକ୍ଷୋଭ କରିଥିଲେ। ପରେ ସଂଘର ସଦସ୍ୟମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ କେନ୍ଦୁପତ୍ର ଡିଏଫଓଙ୍କୁ ପ୍ରଦାନ କରିଥିଲେ।

## ଅବକାରୀ ଚଢ଼ାଉ, ୪ ଗିରଫ

**ବଇଣ୍ଡା, ୬।୧୨(ଡି.ଏନ.ଏ.)**

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କିଶୋରନଗର ଥାନାର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୬୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିସହିତ ୪ ଜଣଙ୍କୁ ଗିରଫ କରାଯାଇଛି। କିଶୋରନଗର ଥାନା ସୁସବ ଗ୍ରାମରେ ଥିବା ଏକ ହୋଟେଲରେ ଚଢ଼ାଉ କରି ଅନିଲ କୁମାର ସାହୁଙ୍କଠାରୁ ୨୦ ଲିଟର, ବାମୁରର ଶ୍ୟାମ ମାଝିଙ୍କ ଘରୁ ୧୫ ଲିଟର, ବଏଜା ଗ୍ରାମର ଆରତ ମିର୍ଦ୍ଧାଙ୍କ ଘରୁ ୧୦ ଲିଟର, କତଡ଼ା ଗ୍ରାମର ଟିକନ ମିର୍ଦ୍ଧାଙ୍କ ଘରୁ ୨୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀଙ୍କ ନେତୃତ୍ୱରେ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ସହକାରୀ ଉପନିରୀକ୍ଷକ ରମାକାନ୍ତ ଚାନ୍ଦ, ଅରୁଣକୁମାର ଚାଉଳିଆ, ହରିହର ପରିଡ଼ା, ଶମ୍ଭୁ ପ୍ରସାଦ ନାଏକଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରିଥିଲେ।

■ ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲରେ ତାଲା

# ରାସ୍ତାରେ ବସିଲେ ଛାତ୍ରୀଛାତ୍ର




ଛାତ୍ରୀଛାତ୍ର ସ୍କୁଲ ସମ୍ମୁଖ ରାସ୍ତାରେ ବସିଛନ୍ତି।

**ବନ୍ତଳା, ୬।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା ଥାନା ନନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ ସରପଞ୍ଚ, ଅଭିଭାବକମାନେ ଶୁକ୍ରବାର ସକାଳେ ବିଦ୍ୟାଳୟ ଫାଟକରେ ତାଲା ପକାଇବା ସହିତ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଫଳରେ ଛାତ୍ରୀଛାତ୍ରମାନେ ରାସ୍ତାରେ ବସି ପାଠ ପଢିଥିଲେ। ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ସରପଞ୍ଚ କଥା ହେବା ପରେ ମଧ୍ୟାହ୍ନ ୧୨ ଟାରେ ରାସ୍ତା ଅବରୋଧ ହଟିଥିଲା।

ଅଭିଭାବକଙ୍କ ଅଭିଯୋଗ ମୁତାବକ, ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୪୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ମାତ୍ର ୪ ଜଣ ଶିକ୍ଷକ ନିଯୁକ୍ତି ହୋଇଥିବାବେଳେ ଶିକ୍ଷକ ଜିତେନ୍ଦ୍ର ବେହେରାଙ୍କୁ ଅନ୍ୟ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଛି। ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷୟିତ୍ରୀ ଅନେକ ସମୟରେ ଅନୁପସ୍ଥିତ ରହୁଥିବା ଯୋଗୁ ପାଠପଢ଼ା ବ୍ୟାହତ ହେଉଛି। ଏ ନେଇ ସରପଞ୍ଚ ଓ ଶିକ୍ଷା କମିଟି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ସରପଞ୍ଚ ଅନିତା ପ୍ରଧାନ, ଶିକ୍ଷା ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ ମାଝିଙ୍କ ସମେତ ସମସ୍ତ ଅଭିଭାବକମାନେ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା ପକାଇବାସହିତ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଏଥିଯୋଗୁ ରାସ୍ତାର ଉଭୟପାର୍ଶ୍ୱରେ ବହୁ ଗାଡି ଅଟକି ରହିଥିଲା। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ କହିଛନ୍ତି, ସରପଞ୍ଚଙ୍କୁ ଫୋନ ମାଧ୍ୟମରେ କହିବା ପରେ ରାସ୍ତା ଅବରୋଧ ହଟିଥିଲା। ଡେପୁଟେଶନରେ ଆସିଥିବା ଶିକ୍ଷକଙ୍କୁ ଫେରାଇ ଦିଆଯିବ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତି ବାବଦରେ ସୋମବାର ତଦନ୍ତରେ ଯିବୁ ବୋଲି ସେ ପ୍ରକାଶ କରିଥିଲେ।

■ ଥାନାରୁ ଗିରଫ ଅଭିଯୁକ୍ତ ଫେରାର ଘଟଣା

## ୧୦ ଦିନ ପରେ ବି ଟେର୍ ପାଉନି ପୋଲିସ

**ଅନୁଗୋଳ ଅଫିସ, ୬।୧୨**

ଅନୁଗୋଳ ଥାନାରୁ ଗତ ନଭେମ୍ବରରେ ପୋଲିସ ଆଖିରେ ଧୂଳି ଦେଇ ଜଣେ କୋଇଲା ମାଫିଆ ଫେରାର ହେବା ଘଟଣାକୁ ୧୦ ଦିନ ବିତିଲାଣି। ହେଲେ ଏ ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କ ଟେର୍ ପାଉନି। ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ସମ୍ବଲପୁରରେ ଥିବା ଅଭିଯୁକ୍ତଙ୍କ ପୈତୃକ ଘରେ ଚଢ଼ାଉ କରି ମଧ ପୋଲିସର ହାତ ଖାଲି ରହିଛି। ଥାନାର ସମସ୍ତ ସୁରକ୍ଷା ବଳୟ ଭେଦ କରି ଜଣେ ଅଭିଯୁକ୍ତ ଖସିଯିବା ଏବଂ ଏପର୍ଯ୍ୟନ୍ତ ପୋଲିସ ତାଙ୍କ ପତ୍ତା ପାଇ ନ ପାରିବା ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି।

ସୂଚନାଥାଉ କି, ନଭେମ୍ବର ୨୭ରେ ଜରାସିଂହା ବିଦ୍ୟାଳୟ ନିକଟରୁ ଏକ ୧୦ ଚକିଆ ଟ୍ରକ(ଓଆର-୧୫-ଏନ୍-୨୯୩୯) ରେ ଚୋରା କୋଇଲା କାରବାର ହେଉଥିବା ନେଇ ଅନୁଗୋଳ ପୋଲିସ ଗାଡ଼ି ସହ ଡ୍ରାଇଭର ଓ ହେଲପରଙ୍କୁ ଥାନାକୁ ଆଣିଥିଲା। ଚୋରା କୋଇଲା କାରବାର ହେଉଥିବା ନେଇ ପ୍ରମାଣ ପାଇବା ପରେ ପୋଲିସ ଡ୍ରାଇଭର ରାଜେନ୍ଦ୍ର ଗଡ଼ତିଆ(୩୨) ଓ ହେଲପର ମହମ୍ମଦ ରଫିକ୍(୨୫)ଙ୍କୁ ଗିରଫ କରିଥିଲା। ଉଭୟଙ୍କୁ କୋର୍ଟଚାଲାଣ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ପୋଲିସକୁ ଚକମା ଦେଇ ମହମ୍ମଦ ରଫିକ୍ ଫେରାର ହୋଇଯାଇଥିଲେ। ଖୋଜାଖୋଜି କରି ଅନୁଗୋଳ ପୋଲିସ ନିରାଶ ହେବା ପରେ ସେଣ୍ଟ୍ରି ଦାୟିତ୍ୱରେ ଥିବା କନଷ୍ଟେବଳ ପ୍ରମିଳା ମାଝିଙ୍କୁ ନିଲମ୍ବନ କରାଯାଇଥିଲା। ପରେ ଦାୟିତ୍ୱରେ ଥିବା ଡିସିଓଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ ମଧ ରୁଜୁ କରିଛି। ଏ ସଂକ୍ରାନ୍ତରେ ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଅଭିଯୁକ୍ତଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଚାଲିଛି। ସମ୍ବଲପୁରସ୍ଥିତ ତାଙ୍କ ଘରେ ମଧ ଚଢ଼ାଉ କରାଯାଇଥିଲା। ଖୁବଶୀଘ୍ର ତାଙ୍କୁ ଧରାଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିବା ସେ କହିଛନ୍ତି।

## ପୋଡ଼ିହୋଇ ଗୁରୁତର ବୃଦ୍ଧାଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ, ୬।୧୨**

ନିଆଁରେ ପୋଡ଼ିହୋଇ ଗୁରୁତର ହୋଇଥିବା ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା କୁରୁଣ୍ଟି ଗ୍ରାମର ଚାଣ୍ଟି ଦାସ(୮୫)ଙ୍କ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଶୁକ୍ରବାର ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଚାଣ୍ଟି ରାତ୍ରି ଭୋଜନ ସାରି ଶୋଇବାକୁ ଯାଇଥିଲେ। ଶୀତ ପଡ଼ିଥିବାରୁ ଘରେ ଏକ ପାତ୍ରରେ ନିଆଁ ଜାଳି ସେକି ହେବା ପରେ ଖଟ ତଳେ ରଖିଥିଲେ। ତେବେ ସେଥିରୁ ଅଗ୍ନି ସଂଯୋଗ ହୋଇ ଘରେ ନିଆଁ ଲାଗିଯିବାରୁ ସେ ପୋଡ଼ିହୋଇ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**ବଅଁରପାଳ,୬।୧୨(ଡି.ଏନ.ଏ.)**

ବଅଁରପାଳ ଥାନା ଗୋତମରା ଗ୍ରାମର ବୃଦ୍ଧା କଳାବତୀ ସାହୁ (୬୫) ଶୁକ୍ରବାର ସକାଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ଯାଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଡାକ୍ତରଙ୍କ ନିଲମ୍ବନକୁ ଓମ୍‌ସାର ନିନ୍ଦା

**ଅନୁଗୋଳ ଅଫିସ, ୬।୧୨**

ଶିଶୁରୋଗୀଙ୍କ ପାଇଁ ବାହାରୁ ଔଷଧ ଲେଖିବା ଅଭିଯୋଗରେ ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡା. ବିଜୁ ଅଗ୍ରଓ୍ୱାଲାଙ୍କୁ ଗତ ବୁଧବାର ନିଲମ୍ବନ କରାଯିବା ଘଟଣାକୁ ରାଜ୍ୟ ମେଡିକାଲ ସର୍ଭିସେସ୍ ଆସୋସିଏଶନ୍(ଓମ୍‌ସା) ପକ୍ଷରୁ ନିନ୍ଦା କରିଛନ୍ତି। ଓଡ଼ିଶାରେ ଡାକ୍ତରଙ୍କ ଘୋର ଅଭାବ ଲାଗି ରହିଛି। ବିଭିନ୍ନ ସମୟରେ ନିରାମୟ କେନ୍ଦ୍ରରେ ଔଷଧ ମିଳୁନାହିଁ। ଫଳରେ ରୋଗୀଙ୍କ ସମ୍ପର୍କୀୟମାନେ ବାହାର ଦୋକାନରୁ ଔଷଧ କିଣିବା ପାଇଁ ଡାକ୍ତରଙ୍କୁ ଅନୁରୋଧ କରିଥାନ୍ତି ବୋଲି ଓମ୍‌ସା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସରକାରୀ ବିଧି ବ୍ୟବସ୍ଥା ଭିତରେ ତାଙ୍କୁ ତାଙ୍କ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇନାହିଁ ବୋଲି ଓମ୍‌ସା ଅଭିଯୋଗ କରିଛି।

DADLS-64



MESSAGE

On the occasion of Armed Forces Flag Day-2019, I extend my warm felicitations and good wishes to all ranks of the Armed Forces as well as our Ex-servicemen and their families.

Our Armed Forces have exhibited exemplary courage and patriotism in preserving the sovereignty and territorial integrity of the country. The Armed Forces personnel not only resolutely defend the nation's borders but also render valuable service during national calamities and combating the internal insurgencies. Armed Forces Flag Day is an occasion to remember with gratitude the sacrifices made by our gallant soldiers and to pay tribute to their courage and dedication in serving our great nation. It provides us an opportunity to express solidarity and support through generous contribution to the Armed Forces Flag Day Fund so that rehabilitation and welfare of Ex-servicemen and their families could be undertaken in a big way.

I appeal to all the citizens to come forward and contribute spontaneously to the Armed Forces Flag Day Fund.

Jai Hind !

(Prof. Ganeshi Lal)
Governor, Odisha



MESSAGE

The 'Armed Forces Flag Day' on 7th December provides an opportunity to all the citizens of India to reaffirm our gratitude and appreciation towards the men in uniform for their valiant services and supreme sacrifices and pledge our sincerity in taking care of those who are left behind.

The contributions would help in wiping out tears and show our solidarity with them. On this occasion, I appeal to all citizens of Odisha to donate generously to the 'Armed Forces Flag Day'as a mark of our regards and respect for their unflinching loyalty and unstinting service to the Nation and make the Armed Forces Flag Day 2019 a great success.

(Naveen Patnaik)
Chief Minister, Odisha

27008/13/0002/1920

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

**ଠାକୁରମୁଣ୍ଡା,୬।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ରରୁଆଁ ଥାନା ଅନ୍ତର୍ଗତ ଜାମୁଦାପାଳ ଗ୍ରାମ ପୋଖରୀରେ ବୁଡ଼ି ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସତ୍ୟାନନ୍ଦ ସାହୁ(୩୨)। ଶୌଚ ହେବାକୁ ପୋଖରୀକୁ ଯାଇ ସେ ପାଣିରେ ବୁଡ଼ି ଯାଇଥିଲେ। ପରେ ତାଙ୍କର ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏନେଇ ରରୁଆଁ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୪/୧୯) ରୁଜୁ ହୋଇଛି।

### ଛାତ୍ରଙ୍କୁ ମାଡ଼ ଘଟଣାର ତଦନ୍ତ କଲେ ଅତିରିକ୍ତ ଶିକ୍ଷାଧିକାରୀ

**ତେଲକୋଇ, ୬।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ଛାମୁଣ୍ଡା ପଞ୍ଚାୟତ ଗୋଲାବନ୍ଧ ଗ୍ରାମ ୟୁଜିଏମ୍‌ଇ ସ୍କୁଲର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷକ ମାଡ଼ ମାରିବା ଅଭିଯୋଗ ହେବା ପରେ ଶୁକ୍ରବାର ଅତିରିକ୍ତ ଶିକ୍ଷାଧିକାରୀ କ୍ଷୀରୋଦ କୁମାର ମହାନ୍ତ ଏହାର ତଦନ୍ତ କରିଛନ୍ତି। ସେ ତଦନ୍ତ ପାଇଁ ଆସିଥିବା ବେଳେ ସମ୍ପୃକ୍ତ ଛାତ୍ରଙ୍କ ବାପା ତାଙ୍କ ପୁଅ ଟ୍ୟୁଶନ ହେବାକୁ ନ ଯିବାରୁ ତାଙ୍କୁ ମାଡ଼ ମରାଯାଇଥିବା ଲିଖିତ ଭାବେ ଅଭିଯୋଗ କରିଥିଲେ। ସୋସିଆଲ ମିଡିଆରେ ଏହି ଘଟଣା ଭାଇରାଲ ହେବା ପରେ ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଉଥିବା ଜଣାପଡିଛି। ଏ ସମ୍ପର୍କରେ ଅତିରିକ୍ତ ଶିକ୍ଷାଧିକାରୀ ମହାନ୍ତଙ୍କୁ ପଚାରିବାରୁ ତଦନ୍ତ ପରେ ସବୁକଥା ସ୍ପଷ୍ଟ ହେବ ବୋଲି କହିଛନ୍ତି।

### ବ୍ରାଉନ୍‌ସୁଗାର ଜବତ: ଯୁବକ ଗିରଫ

**ଭଦ୍ରକ ଅଫିସ/ତିହିଡ଼ି, ୬।୧୨(ଡି.ଏନ.ଏ.):** କେନ୍ଦ୍ରାଞ୍ଚଳ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଓ ଭଦ୍ରକ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ମିଳିତ ଚଢ଼ାଉ କରାଯାଇ ତିହିଡ଼ି ଥାନା ଅଧୀନ ସଦାନନ୍ଦପୁର ଗାଁର ଜଣେ ଯୁବକଙ୍କଠାରୁ ୮୪ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏଥିସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଯୁବକ ହେଲେ ଚନ୍ଦନ କୁମାର ପାତ୍ର। ସେ ଗାଁରୁ ବାଇକ୍ ଯୋଗେ ଗୁଆମାଳକୁ ଯାଉଥିବା ସମୟରେ ପୂର୍ବରୁ ଛକି ରହିଥିବା ଏହି ଟିମ୍ ଗୁଆମାଳ ଛକଠାରେ ତାଙ୍କୁ କାବୁ କରିଥିଲା। ଚନ୍ଦନ ଜଣେ ପେସାଦାର ବ୍ରାଉନସୁଗାର ବ୍ୟବସାୟୀ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ସେ ବ୍ୟବହାର କରୁଥିବା ବାଇକ୍‌କୁ ଜବତ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା(ନଂ.୨୦୫/୧୯) ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୮ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ଏହି ଟିମ୍‌ଠାରୁ ସୂଚନା ମିଳିଛି।

# ସମସ୍ୟା ନ ସୁଧାରିଲେ କର ଆଦାୟ ବନ୍ଦ ଦାବି

**ଅନୁଗୋଳ ଅଫିସ, ୬।୧୨**



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା କଂଗ୍ରେସ କର୍ମୀ ଏବଂ ଅନ୍ୟମାନେ।

- ଜିଲାପାଳଙ୍କୁ କଂଗ୍ରେସର ଦାବିପତ୍ର
- ପୌରପାଳିକା କାର୍ଯ୍ୟାଳୟରେ ଉତ୍ତେଜନା

ଅନୁଗୋଳ ପୌରପାଳିକାର ବିଭିନ୍ନ ସମସ୍ୟା ସମାଧାନ ଦାବି କରି କଂଗ୍ରେସର ପୂର୍ବତନ କାଉନସିଲର, ସଚେତନ ନାଗରିକ, ଯୁବ ଓ ଛାତ୍ରଗୋଷ୍ଠୀ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଅନୁଗୋଳ ପୌରନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ଦିଆଯାଇଛି। ସେମାନଙ୍କ ଅଭିଯୋଗ ମୁତାବକ, ଅନୁଗୋଳ ସହରରେ ଦୀର୍ଘଦିନ ହେଲା ଅଳିଆ ସମସ୍ୟା ଲାଗିରହିଥିବାବେଳେ ଏହାର ସମାଧାନ କରାଯାଉନାହିଁ। ସେହିପରି ଡ୍ରେନ ସଫାଠାରୁ ଆରମ୍ଭ କରି ରାସ୍ତାଘାଟ ସଫେଇ, ମଶାତେଲ, ବ୍ଲିଚିଙ୍ଗ୍ ପାଉଡ଼ର ଆଦି ପକାଯାଉ ନାହିଁ। ତେଣୁ ଯେ ପର୍ଯ୍ୟନ୍ତ ସମସ୍ୟା ନ ସୁଧୁରିଛି ସେ ପର୍ଯ୍ୟନ୍ତ ଅନୁଗୋଳ ପୌରପାଳିକାରେ ଲୋକମାନଙ୍କଠାରୁ କର ଆଦାୟ ବନ୍ଦ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏଥିସହ ଅନୁଗୋଳ ପୌରପାଳିକାର ଗୋପବନ୍ଧୁ ପାର୍କ, ଶିଶୁ ଉଦ୍ୟାନ ଓ ନେତାଜୀ ପାର୍କର ରକ୍ଷଣାବେକ୍ଷଣ କରାଯାଉ ନ ଥିବା, ଥଣ୍ଡା ପାନୀୟ ଜଳର ପାଣି ଟାଙ୍କି ଅଚଳ ହୋଇପଡିଥିବା, ସହରରେ ଲାଗିଥିବା ଲାଇଟ୍ ଗୁଡ଼ିକ ଜଳୁ ନ ଥିବାରୁ ଆପରାଧିକ କାର୍ଯ୍ୟକଳାପ ବଢୁଥିବା ଅଭିଯୋଗ ହୋଇଥିଲା। ଏସବୁର ସମାଧାନ ପାଇଁ କଂଗ୍ରେସ କର୍ମୀମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ପୌରପାଳିକାରେ ପହଞ୍ଚିଥିଲେ। ଏହି ସମୟରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରରେ କହିଛନ୍ତି, ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କା କରି ଅନୁଗୋଳ ଥାନା ଅଧିକାରୀଙ୍କୁ ସୂଚନା ଦେଇଥିଲି। କିନ୍ତୁ ସେମାନେ ବହୁ ବିଳମ୍ବରେ ଆସି ପହଞ୍ଚିଥିଲେ। ପୂର୍ବତନ କାଉନସିଲର ବଳବୀର ସିଂହଙ୍କ ନେତୃତ୍ୱରେ କଂଗ୍ରେସ ଜିଲା ସଭାପତି ବିପ୍ଳବ ଜେନା, ସଂଗ୍ରାମ ମିଶ୍ର, ଜିତେନ୍ଦ୍ର ସାହୁ, ପୂର୍ବତନ ନଗରପାଳ ସୁକାନ୍ତି ଦାସ, ଅକ୍ଷୟ କୁମାର ସାମନ୍ତ, ଗଣେଶ କୁମାର ସାହୁ, ରାକେଶ କୁମାର ସାମଲ, ସବିତା ଧିର, କସିଦା ଖାନ୍, ରାଜଶ୍ରୀ ମହାନ୍ତି, ଅକ୍ଷୟ କୁମାର ଦାସ, ଛାତ୍ର କଂଗ୍ରେସ ସଭାପତି ବିଶ୍ୱଜିତ ପାଣିଗ୍ରାହୀ, ବିଶ୍ୱଜିତ ବିଶ୍ୱାଳ, ଗୋପବନ୍ଧୁ ନାଏକ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ପାଉଁଶ ପରିବହନକୁ ଗ୍ରାମବାସୀଙ୍କ ବିରୋଧ

**କଣିହାଁ, ୬।୧୨(ଡି.ଏନ.ଏ.)**

କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ପାଉଁଶ ପୋଖରୀରୁ ପ୍ରତିଦିନ ଶତାଧିକ ଟ୍ରକ ଯୋଗେ ରାସ୍ତା ଓ ଇଟା ନିର୍ମାଣ ପାଇଁ ପାଉଁଶ ଚାଲାଣ ହେଉଛି। ଏଥିଯୋଗୁ ଟାକୁଆ ଗ୍ରାମ ସମେତ ଚାଷ ଜମି ପ୍ରଦୂଷିତ ହେବାରେ ପ୍ରବଳ ମାତ୍ରରେ ପାଉଁଶ ଉଡୁଛି। ଫଳରେ ଚାଷୀ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଧାନ କଟା ଯିବା ପର୍ଯ୍ୟନ୍ତ ଟ୍ରକ ଯୋଗେ ପାଉଁଶ ପରିବହନ ବନ୍ଦ ଓ ସ୍ୱତନ୍ତ୍ର ରାସ୍ତା ତିଆରି କରି କର୍ତ୍ତୃପକ୍ଷ ପରିବହନ ବ୍ୟବସ୍ଥା କରିବା ଦାବିରେ ଗୁରୁବାର ଟାକୁଆ ଗ୍ରାମବାସୀ ପାଉଁଶ ପରିବହନକୁ ବିରୋଧ କରି ଆନ୍ଦୋଳନ କରିଥିଲେ। ଏନ୍‌ଟିପିସି କର୍ତ୍ତୃପକ୍ଷ ଓ ପରିବହନ ସଂସ୍ଥା କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମାଧାନ ପ୍ରତିଶ୍ରୁତି ଦେବାରେ ଆନ୍ଦୋଳନ ହଟିଥିଲା। ପ୍ରତିଶ୍ରୁତି ପୂରଣ ନ ହେଲେ ପୁଣି ଆନ୍ଦୋଳନ ହେବ ବୋଲି ଟାକୁଆ ଗ୍ରାମବାସୀଙ୍କ ସହିତ ପରିଚାଳନା କମିଟି ସଦସ୍ୟ କାଳନ୍ଦୀ ପ୍ରଧାନ ଚେତାବନୀ ଦେଇଛନ୍ତି।

# ଅନୁଗୋଳରେ ଯୋଗଦେଲେ ନୂତନ ଆର୍‌ଟିଓ


ନୂତନ ଆରଟିଓଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଉଛି।

**ଅନୁଗୋଳ ଅଫିସ, ୬।୧୨**

ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ଭାବେ ଜିତେନ୍ଦ୍ର କୁମାର ଭୋଇ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ କେନ୍ଦୁଝରରେ ଏମ୍‌ଭିଆଇ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ପୂର୍ବରୁ ଥିବା ଆରଟିଓ ଧନଞ୍ଜୟ ସେନାପତିଙ୍କ ପଦୋନ୍ନତି ହୋଇଥିବାରୁ ସେ ପରିବହନ ବିଭାଗର ଡେପୁଟି କମିଶନର ଭାବେ ସମ୍ବଲପୁର କାର୍ଯ୍ୟାଳୟକୁ ବଦଳି ହୋଇଛନ୍ତି। ୨୦୧୧ ଅକ୍ଟୋବର ୧୯ ତାରିଖରୁ ସେନାପତି ଅନୁଗୋଳ ଆର୍‌ଟିଓରେ ଯୋଗ ଦେଇଥିଲେ। ନୂତନ ଆରଟିଓ ଯୋଗଦେବା ପରେ ଅନୁଗୋଳ ଏମ୍‌ଭିଆଇ ଚିତ୍ତରଞ୍ଜନ ସେନାପତିଙ୍କ ସହ ଅନ୍ୟମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ବେଆଇନ ପଥର ଚାଲାଣ, ଜଣେ ଗିରଫ

**ପାଲଲହଡ଼ା,୬।୧୨(ଡି.ଏନ.ଏ.)**

ପାଲଲହଡ଼ା ବନଖଣ୍ଡ ମଙ୍କଡ଼ଚୁଆ ସଂରକ୍ଷିତ ଜଙ୍ଗଲରେ ଗୁରୁବାର ପାଲଲହଡ଼ା ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ପଥର ବୋଝେଇ ଟ୍ରାକ୍ଟର (ନଂ.ଓଡି୧୯କେ-୨୫୩୮)କୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଚାଳକ ଜିତୁ ନାୟକଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ପ୍ରତିଦିନ ଉକ୍ତ ଟ୍ରାକ୍ଟର ଯୋଗେ ଜଙ୍ଗଲ ମଧ୍ୟରୁ ପଥର ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଥିଲା। ଗୁରୁବାର ମଧ୍ୟ ସେଥିରେ ପଥର ଚାଲାଣ ହେଉଥିବା ଖବରପାଇ ପାଲଲହଡ଼ା ରେଞ୍ଜର ଦୁର୍ଯ୍ୟୋଧନ ଜେରେଇ, ଫରେଷ୍ଟର ଭାରତୀ କପରଦାର, ଗାର୍ଡ ଅଜୟ ବିଶ୍ୱାଳ ପ୍ରମୁଖ ଚଢ଼ାଉ କରିଥିଲେ।

## ରାସ୍ତାରୁ ଝାମ୍ପିନେଲେ ୫୦ ହଜାର

**ହାଟଡିହୀ, ୬।୧୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ବଞ୍ଚାସ୍ଥିତ ଏକ ବ୍ୟାଙ୍କ ଶାଖାରୁ ଶୁକ୍ରବାର ୫୦ ହଜାର ଟଙ୍କା ଉଠାଇ ଏକ ବ୍ୟାଗ୍‌ରେ ରଖି ସାଇକେଲରେ ଘରକୁ ଫେରୁଥିବା ଜଣେ ବୃଦ୍ଧଙ୍କ ନିକଟରୁ ୨ ଜଣ ଦୁର୍ବୃତ୍ତ ଏହାକୁ ଝାମ୍ପି ନେଇ ପଳାଇଛନ୍ତି। ହାଟଡିହୀଠାରୁ ପ୍ରାୟ ୫ କି.ମି. ଦୂର ବଞ୍ଚୋ- ସୋରଗଡିଆ ରାସ୍ତା ମଝିରେ ଏଭଳି ଘଟଣା ଘଟିଛି। ଏ ସମ୍ପର୍କରେ ଆନନ୍ଦପୁର ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ସୁନ୍ଦରାପାଳ ଗ୍ରାମର ମଙ୍ଗଲୁ ହୋ (୬୫) ପୂର୍ବାହ୍ନରେ ଏକ ବ୍ୟାଙ୍କ ଶାଖାକୁ ଯାଇ ଆକାଉଣ୍ଟରେ ଜମା ଥିବା କାଳିଆ ଯୋଜନା ବାବଦ ୫ ହଜାର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କିସ୍ତି ବାବଦ ୪୫ ହଜାର ଟଙ୍କା ଉଠାଇଥିଲେ। ୨ ଜଣ ଦୁର୍ବୃତ୍ତ ତାଙ୍କୁ ଅନୁସରଣ କରି ଏକ ବାଇକ୍‌ରେ ଆସି ତାଙ୍କଠାରୁ ଟଙ୍କା ଛଡାଇ ନେଇ ପଳାଇ ଯାଇଥିଲେ।

# ଚୌରାଶୀ ମହାଲକ୍ଷ୍ମୀ ମନ୍ଦିରର ଭୂମିପୂଜା

**ମାଧପୁର, ୬।୧୨**


ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା କରାଯାଉଛି।

ଆଠମଲ୍ଲିକ ବ୍ଲକ ମାଧପୁର ବଜାର ରେଞ୍ଜ ଅଫିସ ସମ୍ମୁଖ ମହାଲକ୍ଷ୍ମୀଙ୍କ ପୀଠରେ ଶୁକ୍ରବାର ମା'ଲକ୍ଷ୍ମୀଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା ହୋଇଛି। ସକାଳେ ଯଥାରୀତି ଅନୁସାରେ ପ୍ରଥମେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜକ ବନମାଳୀ ପ୍ରହରାଜ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। କର୍ତ୍ତା ଭାବେ ଆଠମଲ୍ଲିକ ଯୁବରାଜ ପରେଶ ଦେଓ ଯୋଗ ଦେଇଥିଲେ। ପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଏହି ଅବସରରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଉପସ୍ଥିତ ରହି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଏଥିସହିତ ପ୍ରସାଦସେବନ ବ୍ୟବସ୍ଥା ମଧ୍ୟ ହୋଇଥିଲା। ଅପରାହ୍ନରେ ବଜାର ମଣ୍ଡପଠାରେ ଆୟୋଜିତ ସଭାରେ ବିଧାୟକ ସାଏ ଏବଂ ଯୁବରାଜ ପରେଶ ଦେଓ ଯୋଗଦେଇ ମନ୍ଦିର ଭିତ୍ତିଭୂମି ପାଇଁ ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଚୌରାଶୀ ମହାଲକ୍ଷ୍ମୀ ପୂଜା କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# କଲେଜ ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି


ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ରନେତା।

**ତାଳଚେର, ୬।୧୨(ନି.ପ୍ର.)**

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଶୁକ୍ରବାର ପୁରାତନ ଛାତ୍ର ନେତାମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ଆବାହକ ଡ. ନିମାଇଁ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଶର୍ମା, ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣ ଜୟନ୍ତୀ ସମାରୋହର ସଂଯୋଜକ ଅଧ୍ୟାପକ ବିରଞ୍ଚି ନାରାୟଣ ସାମଲ ଯୋଗ ଦେଇଥିଲେ । ଅଧ୍ୟାପକ ଶଶାଙ୍କ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମିଳନୀରେ ପୁରାତନ ଛାତ୍ର ନେତା ଦେବୀ ମିଶ୍ର, ବିଜୟ କୁମାର ମହାରଣା, ବିଭୁପ୍ରକାଶ ସିଂହ, ସାଫିକ୍ ଖାନ୍, ସିପୁନ୍ ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ଦେବ, ସୁଶୀଲ ମହାପାତ୍ର, ମୋତଲୁବ ଏହେମଦ୍, ପବିତ୍ର ମୋହନ ମହାପାତ୍ର, ଅରବିନ୍ଦ ଭୂତିଆ ପ୍ରମୁଖ ଯୋଗଦେଇ ଉତ୍ସବ ସମାରୋହରେ ପାଳନ କରିବା ଉପରେ ଆଲୋଚନା କରିଥିଲେ। ଶୋଭାଗିନୀ ଦାସ ଧନ୍ୟବାଦ ଦେଇଥିଲେ।

## ବଳାତ୍କାର ଅଭିଯୁକ୍ତ ଗିରଫ

**ବାରିପଦା ଅଫିସ,୬।୧୨**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ଏକ ଜଙ୍ଗଲରେ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୫୦/୧୯) ରୁଜୁ କରିଛି। ଅଭିଯୁକ୍ତ କୀଚକେଶ୍ୱରୀ ଦେହୁରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଦର୍ଶନ ଗାଙ୍ଗୋଇ ସୂଚନା ଦେଇଛନ୍ତି।

# ଆତ୍ମରକ୍ଷା କୌଶଳ ଶିଖିଲେ ଶିକ୍ଷୟିତ୍ରୀ

**ଅନୁଗୋଳ ଅଫିସ, ୬।୧୨**



ଶିକ୍ଷୟିତ୍ରୀମାନେ ଆତ୍ମରକ୍ଷା ତାଲିମ ନେଉଛନ୍ତି।

ଅନୁଗୋଳ ସ୍ଥିତ ପୁରୁଣା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷୟିତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ଜିଲାସ୍ତରୀୟ ଶିବିରରେ ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିଳ୍ପୀ ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଜିଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ଡିପିସି ନିରଞ୍ଜନ ସାହୁ ଶିବିରକୁ ପରିଦର୍ଶନ କରିଥିଲେ। ଜିଲା ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ କରିବା ସହ ଶିବିରର ଆବଶ୍ୟକତା ବିଷୟରେ ସୂଚନା ଦେଇଥିଲେ। ପରେ ଶିକ୍ଷୟିତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ବିଭିନ୍ନ ପଦ୍ଧତି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। କୌଣସି ଅସୁବିଧାରେ ପଡ଼ିଲେ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେନେଇ ବିଭିନ୍ନ କୌଶଳ ଶିକ୍ଷା ପ୍ରଦାନ କରାଯାଇଥିଲା। ଅନୁପମା ଅମାନ୍ତ, ସୀମାରାଣୀ ପ୍ରଧାନ ପ୍ରଶିକ୍ଷିକା ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସମଗ୍ର ଶିକ୍ଷାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସମ୍ବଲପୁରକୁ ହରାଇ ନାଲ୍‌କୋ ସେମିରେ

**ପାଲଲହଡ଼ା, ୬।୧୨(ଡି.ଏନ.ଏ.)**


ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନେ।

ପାଲଲହଡ଼ା କବସ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ପାଲଲହଡ଼ା ଷ୍ଟାଡିୟମଠାରେ ୨୧ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନିଜିଗଡ଼ ସମିତିସଭ୍ୟ ଦିଲୀପ କୁମାର ଉଦବଳ, ସରପଞ୍ଚ ନିରୂପମା ବୋଷ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ୱେସ୍କୋ ସମ୍ବଲପୁରକୁ ହରାଇ ନାଲ୍‌କୋ ଏକାଦଶ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ୱେସ୍କୋ ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ୧୫୨ ରନ କରିଥିଲା। ଜବାବରେ ନାଲ୍‌କୋ ୧୫୫ ରନ କରି ବିଜୟୀ ହୋଇଥିଲା। ମାଧବ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। କ୍ଲବ ସଭାପତି ଅଜିତ କୁମାର ପ୍ରଧାନ, ସମ୍ପାଦକ ଦୀପକ କୁମାର ସାହୁ, ସୁମନ ନାୟକ, ପ୍ରଶାନ୍ତ ଦାଶ, ସନ୍ତୋଷ ଗଡନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବେସାମରିକ ପ୍ରତିରକ୍ଷା ବାହିନୀର ଭୂମିକା ମହତ୍ତ୍ୱପୂର୍ଣ୍ଣ

**ତାଳଚେର, ୬।୧୨(ନି.ପ୍ର.)**


ସ୍ୱର୍ଗତ ସଞ୍ଜୟ କୁମାର ଦାସଙ୍କ ମରଣୋତ୍ତର ସମ୍ମାନକୁ ତାଙ୍କ ସ୍ତ୍ରୀ ଗ୍ରହଣ କରୁଛନ୍ତି।

ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ୫୭ତମ ଜାତୀୟ ବେସାମରିକ ପ୍ରତିରକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି କହିଲେ, ବିପର୍ଯ୍ୟୟ ସମୟରେ ବେସାମରିକ ପ୍ରତିରକ୍ଷା ବାହିନୀର ସ୍ୱେଚ୍ଛାସେବୀମାନଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ। ମାନବ ସେବାକୁ ବ୍ରତ କରି ସେମାନେ ଅସହାୟମାନଙ୍କ ଜୀବନ ସହାୟତା କରିବାକୁ ଆଗେଇ ଆସିଥାନ୍ତି। ସେମାନଙ୍କ ଏହି ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ଜିଲାପାଳ କହିଥିଲେ। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେବା ସହ ଏହି ସ୍ୱେଚ୍ଛାସେବୀମାନେ ବିଭିନ୍ନ ପୂଜା ପର୍ବ, ଉତ୍ସବ ଯଥା ହିଙ୍ଗୁଳାଯାତ୍ରା, ଗଣେଶ ପୂଜା, ରଥଯାତ୍ରା ସମୟରେ ନିଷ୍ଠାର ସହ କାମ କରିଥାନ୍ତି ବୋଲି ପ୍ରକାଶ କରିଥିଲେ। କମାଣ୍ଡର ନିର୍ମଳ ରାଉତ ଓ କ୍ଷୀରୋଦ ଦାସଙ୍କ ନେତୃତ୍ୱରେ ୬ ପ୍ଲାଟୁନ ଫୋର୍ସ ସମ୍ମିଳିତ ପ୍ୟାରେଡରେ ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ରପତି ପଦକପ୍ରାପ୍ତ ବେସାମରିକ ପ୍ରତିରକ୍ଷା ବାହିନୀର ସ୍ୱେଚ୍ଛାସେବୀ ସ୍ୱର୍ଗତ ସଞ୍ଜୟ କୁମାର ଦାସଙ୍କୁ ମରଣୋତ୍ତର ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ପତ୍ନୀ ସ୍ୱୟଂସିଦ୍ଧିକା ଜେନାମଣି ଏହି ସମ୍ମାନ ଗ୍ରହଣ କରିଥିଲେ। ଦୁଃଶାସନ ବେହେରାଙ୍କ ନେତୃତ୍ୱରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏନସିସି ଶିକ୍ଷକ ସଦାନନ୍ଦ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବାଉରୀବନ୍ଧୁ ବେଜ ଧନ୍ୟବାଦ ଦେଇଥିଲେ। ବିଡିଓ ନେତ୍ରାନନ୍ଦ ମଲ୍ଲିକ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ସରକାରୀ ପଦାଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ସଞ୍ଜୀବ ମିଶ୍ର, ଜ୍ଞାନରଞ୍ଜନ ଦାସ, ସାଗରିକା ଖୁଣ୍ଟିଆ, ତାରିଣୀ ପଣ୍ଡା, ବଳରାମ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଶ୍ରୀଚୈତନ୍ୟ ନାମ ପ୍ରଚାର ପରିଷଦର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୬।୧୨:** ଢେଙ୍କାନାଳ ସଦର ବ୍ଲକ ଜଙ୍ଗିରା ଗ୍ରାମରେ ଶ୍ରୀଚୈତନ୍ୟ ନାମ ପ୍ରଚାର ପରିଷଦର ୨୨ତମ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସତ୍ୟାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆରିଆ ମଠ ମହନ୍ତ ସାଧୁ ସଦାନନ୍ଦ ଦାସ, ମୁଖ୍ୟବକ୍ତା ଭାବେ ଗୁହାଳଡ଼ିହସ୍ଥିତ ହରିବୋଲ ମଠ ମହନ୍ତ ସାଧୁ ଭଗବାନ ଦାସ ଯୋଗଦେଇ ସଂକୀର୍ତ୍ତନ ପ୍ରଚାର ପାଇଁ ଆହ୍ୱାନ ଦେଇଥିଲେ। ୨୧ବର୍ଷ ଧରି ଅନୁଷ୍ଠାନ ପକ୍ଷରୁ ଠାକୁରଙ୍କ ନାମ ପ୍ରଚାର କରାଯାଉଛି। ଏଥିସହ ଶ୍ରୀ ଚୈତନ୍ୟଙ୍କ ଏକ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଏପରି ଉଦ୍ୟମକୁ ମୁଖ୍ୟବକ୍ତା ପ୍ରଶଂସା କରିଥିଲେ। ଉପଦେଷ୍ଟା ରଜତ କର, ପୂର୍ବତନ ସଭାପତି ରାମଚନ୍ଦ୍ର ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ସଦର ତଥା ଗଁଦିଆ ବ୍ଲକ ଅଞ୍ଚଳର ୧୩ ମହିଳା ସଂକୀର୍ତ୍ତନମଣ୍ଡଳୀ ସମେତ ମୋଟ ୭୦ଟି ଦଳ ଭାଗନେଇ ନାମକୀର୍ତ୍ତନ ପରିବେଷଣ କରିଥିଲେ।

### ୨ କାଠ ଡିପୋରେ ରାତିଅଧିଆ ଚଢ଼ାଉ

**ଭଦ୍ରକ ଅଫିସ, ୬।୧୨:** ଭଦ୍ରକ ଜିଲା ବନ ବିଭାଗ ପକ୍ଷରୁ ଗୁରୁବାର ବିଳମ୍ବିତ ରାତିରେ ଭଦ୍ରକ ସହରର ଆରଡ଼ି ଛକସ୍ଥିତ ସାମରାଇପୁରରେ ଥିବା ଦୁଇଟି ସରକାରୀ କାଠ ଡିପୋରେ ଚଢ଼ାଉ କରାଯାଇଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୨ଟା ବେଳେ ଚଢ଼ାଉ କରାଯାଇ କ୍ଷମତାଠାରୁ ଅଧିକ ଓ ବେଆଇନ ଭାବେ ଗଚ୍ଛିତ ଥିବା ଏକ ଡିପୋରୁ ପ୍ରାୟ ଶହେ ଶିଫ୍ଟରୁ ଉର୍ଦ୍ଧ୍ୱ କାଠ ଜବତ ହୋଇଥିବା ବେଳେ ଅନ୍ୟ ଡିପୋକୁ ସିଲ୍ କରାଯାଇଛି। ଡିଏଫ୍ଓ ପୂର୍ଣ୍ଣିମା ପାଣ୍ଡିଆନ, ଏସିଏଫ୍ ବିରାଜ ମୋହନ ମହାନ୍ତିଙ୍କ ସମେତ ଭଦ୍ରକ ବନାଞ୍ଚଳ କର୍ମକର୍ତ୍ତା ଚଢ଼ାଉରେ ସାମିଲ ଥିଲେ। ମାଜିଷ୍ଟ୍ରେଟ ଭାବେ ସହାୟକ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ଟାଉନ ଥାନା ପୋଲିସ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଭଦ୍ରକ ସହରରେ ୫୦ରୁ ଉର୍ଦ୍ଧ୍ୱ ବେଆଇନ କାଠଡିପୋ ଓ ୭ରୁ ଉର୍ଦ୍ଧ୍ୱ କରତକଳ କାର୍ଯ୍ୟ କରୁଥିବାବେଳେ ବନ ବିଭାଗର ଏହି ଚଢ଼ାଉ ଲୋକଦେଖାଣିଆ ବୋଲି ସହରରେ ଚର୍ଚ୍ଚା ହେଉଛି।

### ଥାନା ପରିସରରେ ସଫେଇ

**ପଦ୍ମପୁର,୬।୧୨(ଡି.ଏନ.ଏ.):** ବାସୁଦେବପୁର ଥାନା ପରିସରରେ ସ୍ୱଚ୍ଛତା ପାଇଁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ମଧୁମିତା ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏସ୍‌ଆଇ ବିଶ୍ୱଜିତ୍ ସିଂହ, ମହାପ୍ରସାଦ ନାୟକ, ଚିତ୍ତରଞ୍ଜନ ଦାସ, ବିନୋଦ ବିହାରୀ ହେମ୍ବ୍ରମ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସଫେଇ କରିଥିଲେ। ବାସୁଦେବପୁର ପ୍ରେସ୍ କ୍ଲବ ସଭାପତି ରମାକାନ୍ତ ବାରିକ, କାର୍ଯ୍ୟକାରୀ ସଭାପତି କାଳୀପଦ ରାୟ, ସମ୍ପାଦକ ନିରୋଦ କୁମାର ଦାସ, ସହସମ୍ପାଦକ ତ୍ରୈଲୋଚନ ସାହୁ ଓ ଅନ୍ୟ କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ।

■ଜାତୀୟ ତମାଖୁ ବର୍ଜନ ସଚେତନତା

# ‘ତମାଖୁ ସବୁଠାରୁ ମାରାତ୍ମକ’

**ଢେଙ୍କାନାଳ ଅଫିସ, ୬।୧୨**



ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଉଦ୍‌ବୋଧନ ଦେଉଥିବାବେଳେ ଅନ୍ୟ ଅତିଥିମାନେ ମଞ୍ଚାସୀନ।

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପରିସରରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶୁକ୍ରବାର ମହାବିଦ୍ୟାଳୟସ୍ତରୀୟ ଜାତୀୟ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ସିଡିଏମ୍ଓ ଡା. ନିରଞ୍ଜନ ମିଶ୍ର କହିଲେ, ତମାଖୁଠାରୁ ମାରାତ୍ମକ ଦ୍ରବ୍ୟ ଦୁନିଆରେ କିଛିନାହିଁ। ନିଜ ସ୍ୱାସ୍ଥ୍ୟଗଠନ ଏବଂ ଉତ୍ତମ ଦେଶଗଠନ ଲାଗି ଏହି ନିଶା ସେବନ ଠାରୁ ସମସ୍ତେ ଦୂରେଇ ରଖିବାକୁ ଶପଥ ନେବା ଉଚିତ। ତମାଖୁ ସେବନର ବିପଜ୍ଜନକ ତଥ୍ୟ ଅବତାରଣା କରି ସିଡିଏମ୍ଓ କହିଲେ, ଭାରତ ଏବଂ ଚାଇନାରେ ସର୍ବାଧିକ ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀର ଲୋକ ଏହି ନିଶା ଦ୍ୱାରା କବଳିତ। ଏଥିପାଇଁ ହଜାର ହଜାର ଜୀବନ ଅକାଳରେ ଝଡ଼ି ପଡୁଛି। ବିଭିନ୍ନ ପ୍ରକାର ତମାଖୁରେ ୪୦୦୦ରୁ ଅଧିକ ପ୍ରକାର କେମିକାଲ ରହୁଛି। ସେଥିରୁ ୧୦୦ଟି ବିଷ ଭାବେ ଚିହ୍ନଟ କରାଯାଇଛି। ତନ୍ମଧ୍ୟରୁ ୬୩ଟିରେ କ୍ୟାନସର ସୃଷ୍ଟିକାରୀ ତତ୍ତ୍ୱ ରହିଛି। ହେରୋଇନ ସେବନ, ମଦ୍ୟପାନ, ଦୁର୍ଘଟଣା, ହତ୍ୟା, ଆତ୍ମହତ୍ୟା, ଏଡ୍‌ସ ଜନିତ ମୃତ୍ୟୁଠାରୁ ଅଧିକ ଲୋକ ଧୂମପାନ ଯୋଗୁ ପ୍ରାଣ ହରାଉଛନ୍ତି। ବିଶ୍ୱରେ କ୍ୟାନ୍‌ସର ପୀଡ଼ିତଙ୍କ ମଧ୍ୟରୁ ୮୬% ଭାରତୀୟ। ଏ ଦିଗରେ ସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସିଡିଏମ୍ଓ କହିଛନ୍ତି।

■ବ୍ୟବହୃତ ହେଉଛି ୪ ହଜାର ପ୍ରକାର କେମିକାଲ

■ବିଶ୍ୱରେ କ୍ୟାନ୍‌ସର ପୀଡ଼ିତଙ୍କ ମଧ୍ୟରୁ ୮୬% ଭାରତୀୟ

ଅନ୍ୟତମ ବକ୍ତାଭାବେ ଯୋଗଦେଇ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର କହିଲେ, ଧୂମପାନକୁ ନିୟନ୍ତ୍ରଣ କରିବା ଏବେକାର ସମୟର ସବୁଠୁ ବଡ଼ ଆହ୍ୱାନ। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଲେ, ଧୂମପାନକୁ ଅନେକେ ସ୍ମାର୍ଟ ଜୀବନଶୈଳୀ ବୋଲି ଭାବୁଛନ୍ତି। ହେଲେ ଏହା ସ୍ମାର୍ଟ ହେବାର ଲକ୍ଷଣ ନୁହେଁ। ଧୂମପାନ କରୁଥିବା ଲୋକ ଉତ୍ତମ ବ୍ୟକ୍ତି କହିବାର ହକ୍‌ଦାର ନୁହେଁ। ସ୍ୱାସ୍ଥ୍ୟପ୍ରତି ତମାଖୁର କୁପ୍ରଭାବ ଉପରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଅତିଥିମାନେ।

## ‘ରାଧାନାଥ ଥିଲେ ଆଦର୍ଶ ପୁରୁଷ’

**ଢେଙ୍କାନାଳ ଅଫିସ, ୬।୧୨**

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତ ମାଝିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୧୨୩ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଲେ, ପଦ୍ମଭୂଷଣ ଡ. ରାଧାନାଥ ରଥ ଭାରତୀୟ ଗଣତନ୍ତ୍ରର ଆଦର୍ଶ ପୁରୁଷ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୀଡ଼ିତଙ୍କ ନିକଟରେ ପହଞ୍ଚିବା, ସେମାନଙ୍କୁ ସେବା ଯୋଗାଇଦେବାରେ ସେ ଯେଉଁ ମାନବିକତା ପ୍ରଦର୍ଶନ କରିଛନ୍ତି, ତାହା ଜନମାନସରେ ସ୍ମରଣୀୟ ହୋଇ ରହିବ।

ଜୟନ୍ତୀ କମିଟି ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଭଗବାନ ଦାସ ଯୋଗଦେଇ ରାଧାନାଥଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କୁ କମ୍ବଳ, କୃଷି ବିଭାଗ ପକ୍ଷରୁ ବିହନ କିଟ୍ ଏବଂ ସ୍ୱାସ୍ଥ୍ୟ ଶିବିର କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ଶେଷରେ ପ୍ରସାଦ ସେବନ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ପ୍ରଧାନ ଶିକ୍ଷକ ପ୍ରଭାତ ରଞ୍ଜନ ମିଶ୍ର, ସଚେତନ ନାଗରିକ ଫୋରମ ଭରତ ଦାସ, ପଙ୍କଜ ନାୟକ, ଅଖିଳ ମହାପାତ୍ର, ଗୁପ୍ତେଶ୍ୱର ମିଶ୍ର, ପ୍ରଭାତୀ ମହାପାତ୍ର, ଅର୍ଜୁନ ସାହୁ, ଚକ୍ରଧର ତରାଇ, ଦୟାନିଧି ବେହେରା, ରୁଦ୍ରମାଧବ ମହାପାତ୍ର, ବିଶ୍ୱନାଥ ମହାପାତ୍ର, ସନ୍ତୋଷ ପଣ୍ଡା, ଡା. ଶାନ୍ତିଭୂଷଣ ପଣ୍ଡା, ସୁକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀ ଦ୍ୱାରା ପ୍ରଦର୍ଶିତ ପାରମ୍ପରିକ ଆଦିବାସୀ ନୃତ୍ୟକୁ ଅତିଥିମାନେ ଉପଭୋଗ କରିଥିଲେ।

## ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ


କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ।

**ଭୁବନ, ୬।୧୨(ଡି.ଏନ.ଏ.)**

ଭୁବନ ବ୍ଲକ ସଭାଗୃହରେ ଶୁକ୍ରବାର ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ମିଶନ ଶକ୍ତି ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ପ୍ରମୋଦିନୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ଆଶୀର୍ବାଦ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମହିଳାଙ୍କୁ ଏକାଠି କରି ସେମାନଙ୍କୁ ସଶକ୍ତ କରାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଓରମାସ୍ ସହାୟତାରେ ଆରମ୍ଭ ହୋଇଛି ମିଶନଶକ୍ତି କାର୍ଯ୍ୟକ୍ରମ। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ଦେଇ କୁଟୀର ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ପ୍ରୋତ୍ସାହିତ କରାଯାଉଛି। ମହିଳାମାନେ ଅବସର ସମୟକୁ ଠିକ୍ ଭାବେ ଉପଯୋଗ କଲେ ପରିବାରର ଆର୍ଥିକ ମାନଦଣ୍ଡରେ ଉନ୍ନତି ହୋଇପାରିବ। ମିଶନର ଆଭିମୁଖ୍ୟକୁ ପ୍ରତି ପରିବାରରେ ପହଞ୍ଚାଇବାକୁ ବିଡିଓ ବିଭାଗୀୟ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉଦ୍ୟାନ, ପ୍ରାଣୀ, ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ।

## ୬ ଶିକ୍ଷକ ନିଲମ୍ବିତ

**ଭୋଗରାଇ, ୬।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତ ଉପନିର୍ବାଚନରେ ବିଶୃଙ୍ଖଳା, ବ୍ଲକ ପରିସରରେ ୧୨ନଂ. ଓ ୧୪ନଂ. ବୁଥ୍‌ର ଭୋଟ୍ ବାକ୍ସ ଖୋଲାଥିବା ନେଇ ଅଭିଯୋଗ ହୋଇଥିଲା। ଉପନିର୍ବାଚନରେ କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗରେ ୬ଜଣ ଶିକ୍ଷକଙ୍କୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଜିଲାପାଳଙ୍କ ଚିଠି (ନଂ. ୨୩୭୮) ଅନୁଯାୟୀ ଗତ ୩ତାରିଖରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲାପାଳଙ୍କ ଏହି କାର୍ଯ୍ୟାନୁଷ୍ଠାନ ପରେ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦ କରି ଶୁକ୍ରବାର ସନ୍ଧ୍ୟାରେ ଜଳେଶ୍ୱରପୁରସ୍ଥିତ ଶିକ୍ଷକ ଭବନରେ ସମସ୍ତ ବର୍ଗର ଶିକ୍ଷକ ମେଳି କରିଛନ୍ତି। ସେମାନେ ଅବିଳମ୍ବେ ନିଲମ୍ବନ ପ୍ରତ୍ୟାହାର ପାଇଁ ସରକାର ଓ ପ୍ରଶାସନଠାରେ ଦୃଢ଼ ଦାବି କରିଛନ୍ତି। ନଚେତ୍ ପ୍ରାଥମିକ ବିଦ୍ୟାଳୟ ସହ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ମିଳିତ ହୋଇ ବୃହତ୍ତର ଶିକ୍ଷକ ଆନ୍ଦୋଳନ ଗଢ଼ି ତୋଳିବାକୁ ନିଷ୍ପତ୍ତି ନେଇଛନ୍ତି। ସମସ୍ତ ସ୍କୁଲରେ ତାଲା ପଡ଼ିବା ସହିତ ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ନିଲମ୍ବିତ ଶିକ୍ଷକମାନେ ହେଲେ କଲ୍ୟାଣପୁର ଆର୍.ଏନ୍‌ଉପ୍ରା ବିଦ୍ୟାଳୟର ତାପସ ସିଂ, ରସଲପୁର ସିଆର୍‌ସିସି ଅବନୀ ଜେନା, ବାଗରୁଖୀ ଏସ୍‌ଆର୍ ବିଦ୍ୟାପୀଠର କମ୍ପ୍ୟୁଟର ଶିକ୍ଷକ (ଆଇସିଟି) ତପନ ପ୍ରଧାନ, ଶ୍ରୀଦୁର୍ଗା ପଲ୍ଲୀଭୂମୀ ହାଇସ୍କୁଲର କମଳଲୋଚନ ପାତ୍ର, ଉତ୍ତରନିଧୁବଣୀ ପ୍ରାଇମେରୀ ସ୍କୁଲର ସୁକୁମାର ମହାନ୍ତି, ଅନଳିଆ ସରକାରୀ ନୋଡ଼ାଲ ସ୍କୁଲର ଚିତ୍ତରଞ୍ଜନ ସାହୁ।

## ସାହିତ୍ୟିକ ବୀରକିଶୋରଙ୍କ ଶ୍ରାଦ୍ଧବାର୍ଷିକୀ


ସାହିତ୍ୟପ୍ରେମୀମାନେ ବୀରକିଶୋରଙ୍କ ସ୍ମୃତିଚାରଣ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୬।୧୨**

ସାହିତ୍ୟିକ ବୀରକିଶୋର ପଟ୍ଟନାୟକଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୀରକିଶୋର ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ମନୋରଞ୍ଜନ ନନ୍ଦ କହିଲେ, ବୀରକିଶୋର ଓଡ଼ିଆ ସାହିତ୍ୟ ଜଗତର ଜଣେ ସଫଳ ସ୍ରଷ୍ଟା ଥିଲେ। ତାଙ୍କ ରଚନାରେ ସାହିତ୍ୟର ଭିନ୍ନ ସ୍ୱାଦ ବାରି ହୋଇପଡୁଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକା ନିରୂପମା ଦାସ, ସମ୍ମାନିତ ଅତିଥି କବି ବାହାଦୁର ପାଟସାହାଣୀ ଯୋଗଦେଇ ବୀରକିଶୋରଙ୍କ ସାହିତ୍ୟକୃତି ଉପରେ ଆଲୋଚନା କରିଥିଲେ। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ସମୀର ସାହୁ, ଡ. ସୁଧୀର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମାକ୍ଷିତମାମି ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା।

■କଟକ-ଅନୁଗୋଳ ଜାତୀୟ ରାଜପଥ ଉପରେ ସମୀକ୍ଷା

## ଜାନୁୟାରୀ ୨୦ ସୁଦ୍ଧା ପ୍ରକ୍ରିୟା ଶେଷ କର

**କଟକ ଅଫିସ, ୬।୧୨**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କ ସମ୍ମିଳନୀ କକ୍ଷରେ କଟକ-ଅନୁଗୋଳ ଜାତୀୟ ରାଜପଥ-୫୫ର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆରଡିସି ଅନିଲ କୁମାର ସାମଲ ଅଧ୍ୟକ୍ଷତା କରିଥିବାବେଳେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ (ଢେଙ୍କାନାଳ) କାର୍ଯ୍ୟର ମନ୍ଥରଗତି ଉପରେ ଆଲୋକପାତ କରିଥିଲେ। ରାସ୍ତାର ଦୋହରୀକରଣ, ପୁଷ୍ପଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ଥାନାନ୍ତରୀକରଣ ଉପରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ବିଦ୍ୟୁତ୍ ଖୁଣ୍ଟ ଏବଂ ପାଣି ପାଇପ ଅପସାରଣ ଓ ସଂଯୋଗୀକରଣ, ଜବରଦଖଲ ଉଚ୍ଛେଦ, ବାସହ୍ୟୁତ ଲୋକମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଆସନ୍ତା ଜାନୁୟାରୀ ୨୦ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଉପସ୍ଥିତ ବିଭାଗୀୟ ମୁଖ୍ୟଙ୍କୁ ଆରଡିସି ନିର୍ଦ୍ଦେଶ ଦେଇଥିଲେ।

## ହାତୀ ଭୟରେ ବନ୍ଦ ହେଲା ସ୍କୁଲ

**ବାଙ୍ଗିରିପୋଷି,୬।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଜାରି ରହିଛି। ଶୁକ୍ରବାର ଝିଙ୍କପାହାଡ଼ି ଗ୍ରାମରେ ହାତୀ ପଶି ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ପାଚେରି ନ ଥିବା ଯୋଗୁ ଏହି ଗ୍ରାମର ପ୍ରାଥମିକ ବିଦ୍ୟାଳୟକୁ ଛୁଟି କରି ଦିଆଯାଇଥିଲା । ସେହିପରି ହାତୀ ଆକ୍ରମଣରେ ଉଆଁଣିଆ ଗ୍ରାମର ଗଙ୍ଗାଧର ସାହୁ ଆହତ ହୋଇଛନ୍ତି। ହାତୀ ଘଉଡାଇବା ସମୟରେ ସେ ଆକ୍ରମଣର ଶିକାର ହୋଇଥିଲେ।

ଗତ କିଛି ଦିନ ହେଲା ଧୋବଣିଶୋଳ ପଞ୍ଚାୟତ ଅନ୍ତର୍ଗତ ବାଲିଖଣି, ମାଟିଖଣି ଓ କୁଆବସା ଅଞ୍ଚଳରେ ହାତୀ ପଲ ବ୍ୟାପକ ପାଚିଲା ଧାନ ନଷ୍ଟ କରିଛନ୍ତି। ଏବେ ମଧ ସ୍ଥାନୀୟ ଚୁଲିଆ ଜଙ୍ଗଲ, ରାଙ୍ଗା ପାହାଡ ଓ ନାଫ୍ରି ପଞ୍ଚାୟତର ଝିଙ୍କପାହାଡ଼ି-ନେତ୍ରାପାଟ ଜଙ୍ଗଲରେ ହାତୀପଲ ଥିବା ସୂଚନା ମିଳିଛି।

## ବିଶ୍ୱକୁ ପଦାର୍ଥ ବିଜ୍ଞାନର ଅବଦାନ ଅନନ୍ୟ



କାର୍ଯ୍ୟକ୍ରମରେ ଅତିଥିମାନେ।

**ଭୁବନ, ୬।୧୨(ଡି.ଏନ.ଏ.)**

ବିଶ୍ୱକୁ ପଦାର୍ଥ ବିଜ୍ଞାନର ଅବଦାନ ଅନନ୍ୟ। ଏହାକୁ ବାଦ୍ ଦେଇ ବୈଷୟିକ ଜ୍ଞାନକୌଶଳ ବିକାଶର ପରିକଳ୍ପନା କରାଯାଇ ନ ପାରେ। ମଣିଷ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଛୋଟବଡ଼ ସାମଗ୍ରୀଠାରୁ ଆରମ୍ଭ କରି ମହାକାଶର ମହାରହସ୍ୟ ଉପରୁ ପରଦା ଉଠାଇବାରେ ଏହି ବିଷୟ ଅତୀବ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଜ୍ଞାନ ଆହରଣ କରୁଥିବା ଛାତ୍ରୀଛାତ୍ରମାନେ ବିକାଶର ମଙ୍ଗୁଆଳ ସାଜିଥାନ୍ତି। ଏହାର ଜଟିଳ ବିଷୟକୁ ବୁଝିବାକୁ ହେଲେ ଧୈର୍ଯ୍ୟ, ନିଷ୍ଠାର ଏକାନ୍ତ ଆବଶ୍ୟକତା ରହିଛି ବୋଲି କହିଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ଲମ୍ବୋଦର ପ୍ରସାଦ ସିଂ। ଭୁବନ ବ୍ଲକ ମଠକରଗୋଳା କଲେଜରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ଆୟୋଜିତ କର୍ମଶାଳାରେ ଯୋଗଦେଇ ସେ ଏହା କହିଛନ୍ତି। ଏହି ଅବସରରେ ଡ. ସିଂ ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି, ପଦାର୍ଥ ବିଜ୍ଞାନର ଆବଶ୍ୟକତା, ଉପଯୋଗିତା ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

କଲେଜର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ରାଜଶ୍ରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବାଜି ରାଉତ କଲେଜରେ ବାଣିଜ୍ୟ ବିଭାଗର ପ୍ରାକ୍ତନ ଅଧ୍ୟାପକ ନିତ୍ୟାନନ୍ଦ ପରିଡ଼ା ମଞ୍ଚାସୀନ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ଲକ୍ଷ୍ମୀପ୍ରିୟା ବେହେରା, ଧ୍ରୁବଚରଣ ମହନ୍ତ, ସତ୍ୟବ୍ରତ ସାମଲ, ବିକାଶ ସାହୁ, କାର୍ତ୍ତିକେଶ୍ୱର ବେହେରା, ସତ୍ୟଜିତ ମିଶ୍ର ନିଜସ୍ୱ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ସଂଯୋଜକ ଡ. କୈଳାସ ଚନ୍ଦ୍ର ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଲଳିତ କୁମାର ବେହେରା ସହଯୋଗ କରିଥିଲେ। ପ୍ରଫେସର ଶୁଭଶ୍ରୀ ଶୁଭସ୍ମିତା ସାମଲ ଧନ୍ୟବାଦ ଦେଇଥିଲେ।

■ମଣ୍ଟଫୋର୍ଟ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ‘ଗୁଣାତ୍ମକ ଶିକ୍ଷା ଦେଶକୁ ଆଗକୁ ନେବ’

**ଢେଙ୍କାନାଳ ଅଫିସ, ୬।୧୨**


ଅତିଥିମାନେ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳସ୍ଥିତ ମଣ୍ଟଫୋର୍ଟ ସ୍କୁଲର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଗୁଣାତ୍ମକ ଶିକ୍ଷା ଦେଶକୁ ଆଗକୁ ନେଇପାରିବ। ଚଳିତ ବର୍ଷ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯାଉଛି। ସେହିପରି ମଣ୍ଟଫର୍ଟ ସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପାଳୁଛି। ପିଲାମାନେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଜିଲାର ପ୍ରଥମ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଭାବେ ଏହି ଶିକ୍ଷାନୁଷ୍ଠାନ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି। ଇଂଲିଶ ସହିତ ମାତୃଭାଷା ଓଡ଼ିଆ ପ୍ରତି ମମତା ରଖିବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ୫୦ବର୍ଷ ମଧ୍ୟରେ ଏହି ଅନୁଷ୍ଠାନ ଅନେକ କୃତୀ ପ୍ରତିଭା ସୃଷ୍ଟି କରିଛି। ଶିକ୍ଷାକୁ ବାଦ୍ ଦେଲେ ଛାତ୍ରୀଛାତ୍ରଙ୍କ ଚରିତ୍ରଗଠନରେ ବିଦ୍ୟାଳୟର ପ୍ରଚେଷ୍ଟା ପ୍ରଶଂସନୀୟ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏଥିସହ ପୂର୍ବତନ ପ୍ରିନ୍ସିପାଲ, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରିନ୍ସିପାଲ ଫାଦର ଫିଲିପ୍ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟର ସଭାପତି ତଥା ସମ୍ବଲପୁରରୁ ଆସିଥିବା ବିଶପ୍ ନିରଞ୍ଜନ ସୁଆଲସିଂ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାରଶ୍ୱେତା ମିଶ୍ର, ରୂପେଶ ରଞ୍ଜନ ସାହୁ, ଦିବ୍ୟସ୍ୱରୂପ ସାହୁ, ରତ୍ନପର୍ଣ୍ଣା ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଖୋର୍ଦ୍ଧାକୁ ହରାଇ ଫାଇନାଲରେ ଯୋଗମାୟା

ଭୁବନ, ୬।୧୨(ଡି.ଏନ.ଏ.): ଭୁବନ ବ୍ଲକ ମାର୍ଥାପୁର ଖେଳପଡ଼ିଆରେ ଚାଲିଥିବା ୩୪ତମ ଯୋଗମାୟା ଚ୍ୟାଲେଞ୍ଜ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଖୋର୍ଦ୍ଧା କଳିଙ୍ଗ ଟାଇଗରକୁ ହରାଇ ଆୟୋଜକ ଯୋଗମାୟା ଦଳ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିବା କଳିଙ୍ଗ ଟାଇଗର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୧୭ ରନ୍ କରିଥିଲା। ଦଳ ପକ୍ଷରୁ ଟୁନୁ ଖଟୁଆ ସର୍ବାଧିକ ୬୫ ରନ୍ ସଂଗ୍ରହ କରିଥିଲେ। ଜବାବରେ ଯୋଗମାୟା କ୍ରିକେଟ କ୍ଲବ ୧୮.୨ ଓଭରରେ ୪ ଉଇକେଟ ହରାଇ ୨୨୦ରନ କରି ବିଜୟୀ ହୋଇଥିଲା। ସର୍ବାଧିକ ୮୫ରନ୍ କରିଥିବା ବିଜୟୀ ଦଳର ସୂର୍ଯ୍ୟକାନ୍ତ ମଲ୍ଲିକ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ଖେଳକୁ ଗିରିଜା ପ୍ରସାଦ ମିଶ୍ର, ବିଭୁ ପ୍ରସାଦ ନାୟକ ପରିଚାଳନା କରିଥିବାବେଳେ ସୌମ୍ୟରଞ୍ଜନ ରାଉତ ଧାରା ବିବରଣୀ ଦେଇଥିଲେ। ରବିବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଢେଙ୍କାନାଳ ଏବଂ ଆୟୋଜକ ଯୋଗମାୟା ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ।

### ଯୁବକଙ୍କ ଆତ୍ମହତ୍ୟା

ଓଡ଼ାପଡ଼ା, ୬।୧୨(ଡି.ଏନ.ଏ.): ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ବୀଣାକାରକାଟେଣୀ ଗ୍ରାମର ସୁଶାନ୍ତ ସାହୁ ପାରିବାରିକ କଳହକୁ କେନ୍ଦ୍ରକରି ଗୁରୁବାର ରାତିରେ ଆତ୍ମହତ୍ୟା କରିଛନ୍ତି। ସୁଶାନ୍ତ ଗତ ଜୁନ୍‌ରେ ବିବାହ କରିଥିଲେ। ବିଭିନ୍ନ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ସୁଶାନ୍ତ ନିର୍ଯାତନା ଦେଉଥିବା ନେଇ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ଗୁରୁବାର ସୁଶାନ୍ତ ଘର ଭିତରେ ପିନ୍ଧା ଲୁଗାରେ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି।

### ଜିଲାସ୍ତରୀୟ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର

ଢେଙ୍କାନାଳ ଅଫିସ, ୬।୧୨-ଉଚ୍ଚ ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେବାକୁ ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ ପରିସରରେ ୩ ତାରିଖରୁ ଚାଲିଥିବା ଜିଲାସ୍ତରୀୟ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଶେଷ ହୋଇଛି। ଏଥିରେ ବିଭିନ୍ନ ବ୍ଲକରୁ ୨୭ଜଣ କ୍ରୀଡ଼ା ଶିକ୍ଷୟିତ୍ରୀ ଯୋଗଦେଇ ତାଲିମ ନେଇଥିଲେ। ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି, ଉତ୍ତମ କୌଶଳ ଶିକ୍ଷାଦାନ, ଆବଶ୍ୟକସ୍ଥଳେ ଏହାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଇଓ ନିତ୍ୟାନନ୍ଦ ବାରିକ, ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ଅରକ୍ଷିତ ପରିଡ଼ା ଉପସ୍ଥିତ ଥିଲେ।

### ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ

ଢେଙ୍କାନାଳ ଅଫିସ, ୬।୧୨: ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ୬୩ତମ ମହାପରିନିର୍ବାଣ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ସଭା ଆୟୋଜିତ ହୋଇଥିଲା। କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ସମାଜ ଗଠନରେ ବ୍ରତୀ ହେବାରୁ ରୋକିପାରିବନାହିଁ, ବାବାସାହେବଙ୍କ ଜୀବନୀରୁ ଏହା ସମସ୍ତଙ୍କୁ ଶିକ୍ଷାଲାଭ କରିବାକୁ ପଡ଼ିବ। ଏହାର ଏକମାତ୍ର ରାସ୍ତା ଶିକ୍ଷା। ଏହାଦ୍ୱାରା ଭାରତ ଭଳି ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ମାନବବାଦ ପ୍ରତିଷ୍ଠା ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ପ୍ରଫେସର ଧନେଶ୍ୱର ସାହୁ, ପ୍ରଦୀପ କୁମାର ଦାସ, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, ଶିକ୍ଷକନେତା ଯମେଶ୍ୱର ପୃଷ୍ଟି, ଆମ୍ବେଦକର ମେମୋରିଆଲ ଟ୍ରଷ୍ଟ ଅଧକ୍ଷ କୈଳାସ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବନମାଳୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଶିକ୍ଷାବିତ୍‌ଙ୍କଠାରୁ ୪ ଲକ୍ଷ ଠକେଇ ଅଭିଯୋଗ

**ଢେଙ୍କାନାଳ ଅଫିସ, ୬।୧୨:**

ଢେଙ୍କାନାଳ ସଦର ବ୍ଲକ ସୁଧାଡିହକାଟେଣୀର ଅବସରପ୍ରାପ୍ତ ଶିକ୍ଷକ କୈଳାସ ରାଉତଙ୍କଠାରୁ ୪ଲକ୍ଷ ଟଙ୍କା ଚେକ୍ ମାଧ୍ୟମରେ ହଡ଼ପ କରିନେଇଥିବା ଅଭିଯୋଗ ହୋଇଛି। ବେସରକାରୀ କୃଷି ସହାୟତା କେନ୍ଦ୍ର ଖୋଲିବାକୁ କହି ସନ୍ତୋଷ ପ୍ରଧାନ ନାମକ ଜଣେ ବ୍ୟକ୍ତି ଏପରି ଠକେଇ କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୋଗ ଅନୁଯାୟୀ, କଣ୍ଟାବଣିଆ ଥାନା ତଳବାହାଳି ଅଞ୍ଚଳର ସନ୍ତୋଷ ବେସରକାରୀ କୃଷି ସହାୟତା କେନ୍ଦ୍ର ଖୋଲିବାକୁ କହି କୈଳାସଙ୍କୁ ସହାୟତା ମାଗିଥିଲେ। କୈଳାସ ଏକ ଚେକ୍‌ରେ ଦସ୍ତଖତ କରି ତାଙ୍କୁ ୧ ହଜାର ଟଙ୍କା ଲେଖିବାକୁ କହିଥିଲେ। ହେଲେ ସନ୍ତୋଷ ଚଞ୍ଚକତା କରି ଚେକ୍‌ରେ ୪ ଲକ୍ଷ ଟଙ୍କା ଲେଖି ଦେଇଥିଲେ। ଏହାକୁ ସେ ଭୂଷଣସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରେ ଡିପୋଜିଟ୍ କରିଥିଲେ। ଗତ ୩ ତାରିଖରେ କୈଳାସଙ୍କ ଢେଙ୍କାନାଳ ଏସ୍‌ବିଆଇ ମୁଖ୍ୟା ଶାଖାରେ ଥିବା ଆକାଉଣ୍ଟରୁ ୪ ଲକ୍ଷ ଟଙ୍କା ସନ୍ତୋଷଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିଲା। ଏ ନେଇ ନଂ. ୪୧୭/୧୯ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସୂଚନା ଦେଇଛନ୍ତି।




### ■ଗୃହରକ୍ଷୀ, ନାଗରିକ ସୁରକ୍ଷା ଦିବସ

# 'ନିଷ୍ଠାପର ହୋଇ କାମ କର'


ଏସ୍‌ପି ଅଭିବାଦନ ଗ୍ରହଣ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୬।୧୨**

ଢେଙ୍କାନାଳ ଜିଲାରେ କାର୍ଯ୍ୟରତ ଗୃହରକ୍ଷୀଙ୍କ କର୍ତ୍ତବ୍ୟ ପରାୟଣ ପ୍ରଶଂସନୀୟ। ନିଷ୍ଠାପର ହୋଇ କାର୍ଯ୍ୟ କରି ଜନସାଧାରଣଙ୍କ ଆସ୍ଥାଭାଜନ ହେଲେ ଏହି ପଦବୀର ଗୌରବ ବଢ଼ିବ ବୋଲି କହିଛନ୍ତି ଏସ୍‌ପି ଅନୁପମା ଜେମ୍ସ। ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆଠାରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୮ଟାରେ ଆୟୋଜିତ ସର୍ବଭାରତୀୟ ଗୃହରକ୍ଷୀ ଓ ନାଗରିକ ସୁରକ୍ଷା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏସ୍‌ପି ଏପରି ଆହ୍ୱାନ ଦେଇଛନ୍ତି।

ଜିଲା ଗୃହରକ୍ଷୀ ବାହିନୀ ପକ୍ଷରୁ ଆୟୋଜିତ ସମାରୋହର ମିଳିତ ପରେଡରେ ଏସ୍‌ପି ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପାଠ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ପ୍ରଥମ ବାଟାଲିୟନ କମାଣ୍ଡାଣ୍ଟ ଲୋଚନ ପଞ୍ଚାୟତ, ୧୨-ଓଡ଼ିଶା ବିଏନ୍ ଏନ୍‌ସିସିର କମାଣ୍ଡିଂ ଅଫିସର କଲୋନେଲ ଭାସ୍କରଜ୍ୟୋତି ହଜାରିକା ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଟାଉନଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ବରା ଉପରେ ପିଆଜ ପ୍ରଭାବ

**ଢେଙ୍କାନାଳ ଅଫିସ, ୬।୧୨**



■କମୁଛି ଗୁଣାତ୍ମକମାନ

■୪୦% ବେପାର କମିଛି

ପିଆଜ ଦରକୁ ନେଇ ସବୁଠି ଏବେ ଚର୍ଚ୍ଚା। ରୋଷେଇ ଘରେ ସବୁଠାରୁ ବେଶି ଖୋଜା ପଡୁଥିବା ଏହି ଅତ୍ୟାବଶ୍ୟକ ପରିବା ଶୁକ୍ରବାର ୧୬୦ ଛୁଇଁଛି। ଏହାର ପ୍ରଭାବ ପଡିଛି ଦୈନନ୍ଦିନ ଜୀବନଚର୍ଯ୍ୟା ଉପରେ। ଫାଷ୍ଟଫୁଡ୍‌ଠାରୁ ଆରମ୍ଭ କରି ଜଳଖିଆ ଦୋକାନରେ ପିଆଜ ଗାଏବ ହୋଇଯାଇଛି। କେବଳ ଏତିକି ନୁହେଁ, ପିଆଜର ଦରବୃଦ୍ଧିର ପ୍ରଭାବରୁ ବାଦ୍ ପଡ଼ିନି ଢେଙ୍କାନାଳର ପ୍ରସିଦ୍ଧ ବରା। ବ୍ୟବସାୟୀମାନେ ବରାରେ ନାମକୁ ମାତ୍ର ପିଆଜ ବ୍ୟବହାର କରୁଛନ୍ତି। ଫଳରେ ଏହାର ଗୁଣାତ୍ମକମାନ କମିଯାଇଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି।

ଢେଙ୍କାନାଳ ବଜାରରେ ଭଲ ପିଆଜ ମଧ୍ୟ ମିଳୁନାହିଁ। ବିରି ମଧ୍ୟ ୧୨୦ ଟଙ୍କା ଟପିଛି। ଫଳରେ ବ୍ୟବସାୟୀମାନେ ଯେନତେନ ପ୍ରକାରେ ଜଳଖିଆ ପ୍ରସ୍ତୁତ କରି କାମ ଚଳାଇବାକୁ ବାଧ୍ୟ ହେଉଛନ୍ତି। କେତେକ ଦୋକାନୀ ବରା ତିଆରି ପରିମାଣ କମାଇ ଦେଇଥିବା କହିଛନ୍ତି, ଏହା ସେମାନଙ୍କ ବ୍ୟବସାୟକୁ ପ୍ରଭାବିତ କରିଛି। ପର୍ଯ୍ୟଟନ ଋତୁରେ ଜିଲାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଆଉ ମନପସନ୍ଦର ସୁଆଦିଆ ବରା ମିଳୁନାହିଁ।

ଏ ନେଇ ସ୍ଥାନୀୟ ଗଣେଶ ବଜାରସ୍ଥିତ ପ୍ରସିଦ୍ଧ ବରା ଦୋକାନର ମାଲିକ ପ୍ରସିତ କୁମାର ସାହୁ କୁହନ୍ତି, ପିଆଜରେ ହାତ ମାରି ହେଉନି। ବରାରେ ନାମକୁ ମାତ୍ର ପିଆଜ ପକାଯାଉଛି। ଏହାର ସାଇଜ୍ ଛୋଟ କରିଦିଆଯାଇଛି। ପୂର୍ବ ଅପେକ୍ଷା କମ୍ ବରା ଛଣାଯାଉଛି। ୪୦% ବେପାର କମିଛି। ସେହିପରି ବିରି ଦର କେଜିପିଛା ୧୨୦ ଟଙ୍କା ରହିବା ଅଧିକ ଚିନ୍ତାଜନକ ହୋଇଥିବା ସେ କହିଛନ୍ତି। ଏ ନେଇ ଜିଲା ଖାଦ୍ୟ ଯୋଗାଣ ବିଭାଗ ଅଧିକାରୀ ସଞ୍ଜୀବ ସାହୁ କୁହନ୍ତି, ବିଭାଗ ହାତରେ କିଛି ନାହିଁ। ନିୟମିତ ରିଟେଲର ପଏଣ୍ଟ ଯାଞ୍ଚ କରାଯାଉଛି। ୧୫ ତାରିଖ ମଧ୍ୟରେ ଦର ଖସିବ ବୋଲି ଶୁଣିବାକୁ ମିଳୁଥିବା ସେ ସୂଚନା ଦେଇଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ